# Akashvani, Sambalpur

## SAMBALPURI NEWS EVENING BULLETIN

## 3 April 2025- 7.02 pm- 7.12 pm.

*********************************************

୧- ରାଜ୍ୟସଭା ନ ୱାକଫ୍ ସଂଶୋଧନ୍ ବିଲ୍-୨୦୨୫ ଉପ୍‌ରେ ଜାରି ରହିଛେ ଆଲୋଚନା ।

- ବିରୋଧୀ ଦଲ୍‌ମାନେ ବିଲ୍‌କେ ସମର୍ଥନ୍ କରିକରି ପାରିତ୍ କର୍‌ବାର୍ ଲାଗି ଅନୁରୋଧ୍ କଲେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ।

୨- ଓଡ଼ିଆ ପକ୍ଷ ଅବ୍‌ସରେ ଆଏଜ୍ ପାଲିତ୍ ହେଉଛେ ଆମ ପୋଷାକ ଆମ ପରିଚୟ ଦିବସ୍ ।

୩- ରାଏଜେ ମାଓ ପ୍ରଭାବିତ୍ ଜିଲ୍ଲାମାନ୍‌କର୍ ସଂଖ୍ୟା କମିଛେ- କହେଲେ ପୁଲିସ୍ ମହାନିର୍ଦ୍ଦେଶକ୍ ।

ଆଉର୍

୪- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ କେତେଟା ଜିଲ୍ଲା ନ ଆଏବା ୨ ଦିନ୍‌ତକ୍ କମ୍‌ବା ତାପମାତ୍ରା ।

ୱାକଫ୍ ବିଲ୍          ଆର୍ଏନ୍ୟୁ/ କଟକ୍

ରାଜ୍ୟସଭା ନ ଆଏଜ୍ ୱାକଫ୍ ସଂଶୋଧନ୍ ବିଲ୍-୨୦୨୫ ଉପ୍ରେ ଆଲୋଚନା ଜାରି ରହିଛେ । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ୱାକଫ୍ ସଂଶୋଧନ୍ ବିଲ୍କେ ଉପସ୍ଥାପନ୍ କରିକରି କଂଗ୍ରେସ୍ ଆର୍ ଅଲ୍ଗା ବିରୋଧୀ ଦଲ୍ମାନ୍କୁ ଇ ବିଲ୍କେ ପାରିତ୍ କର୍ବାର୍ ଲାଗି ଅନୁରୋଧ୍ କରିଛନ୍ । ଶ୍ରୀ ରିଜିଜୁ କହିଛନ୍, ୱାକଫ୍ ସଂଶୋଧନ୍ ବିଲ୍ କେନ୍ସି ଧର୍ମ ସାଙ୍ଗେ ଜଡ଼ିତ୍ ନୁହେଁ, ଇଟା ଖାଲି ମୁସଲ୍ମାନ୍ ସମ୍ପ୍ରଦାୟର ୱାକଫ୍ ସମ୍ପତି ଉପ୍ରେ ଅନାଯାଇଛେ । ଶ୍ରୀ ରିଜିଜୁ ଗୃହ ନ ସୂଚ୍ନା ଦେଇକରି କହିଛନ୍, ୨୦୦୪ ମସିହାଥି ୪ ଲାଖ୍ ୯୦ ହଜାର୍ଟା ୱାକଫ୍ ସମ୍ପତି ଥିବାର୍ ବେଲେ ଇହାଦେ ଇଟା ବଢ଼ିକରି ୮ ଲାଖ୍ ୭୨ ହଜାର୍ଥି ପୁହୁଁଚିଛେ । ରାଜ୍ୟସଭା ନ ସର୍କାରୀ ଦଲ୍ର ନେତା ଆଉ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କହିଛନ, ବିରୋଧୀ ଦଲର୍ ସଦସ୍ୟମାନେ ଇ ବିଲ୍କେ ନେଇକରି ମୁସଲ୍ମାନ୍ ସମ୍ପ୍ରଦାୟ ଭିତ୍ରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ । ବିଲ୍ ସପକ୍ଷଥି ଉତର୍ ରଖିକରି ଶ୍ରୀ ନଡ୍ଡା କହିଛନ୍, ଇରାକ୍ ବାଗିର୍ ମୁସଲ୍ମାନ୍ ଦେଶେ ୱାକଫ୍ ଆଇନ୍ ପରିବର୍ତନ୍ କରାଯାଇଛେ । ଭାରତ୍ଥି ଇ ଆଇନ୍ ପରିବର୍ତନ୍ ନେଇକରି ବିରୋଧୀ ସଦସ୍ୟମାନେ କାଁହେଲାଜେ ପ୍ରଶ୍ନ କରୁଛନ୍ । ରାଜ୍ୟସଭାଥି ବିରୋଧୀ ଦଲ୍ ନେତା ମଲ୍ଲିକାର୍ଜୁନ୍

ଖଡ଼୍‌ଗେ ୱାକଫ୍ ସଂଶୋଧନ୍ ବିଲ୍ ଉପ୍‌ରେ ବିଜେପିର୍ ଆଭିମୁଖ୍ୟକେ ସମାଲୋଚନା କରିଛନ୍ ।

ସେଆଡ଼େ ଲୋକ୍‌ସଭାଥି ଗଲାକାଏଲ୍ ୱାକଫ୍ ସଂଶୋଧନ ବିଲ୍-୨୦୨୫କେ ମଞ୍ଜୁରୀ ମିଲିଛେ । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ଲୋକ୍‌ସଭା ନ ଇ ବିଲ୍ ଆଗତ୍ କର୍‌ବାର୍ ଉତ୍‌ରୁ ୧୨ ଘଂଟାନୁ ଅଏତ୍‌କା ସମିଆ ଧରିକରି ଆଲୋଚନା ହେଇଥିଲା । ଆଲୋଚନାଥି ଶାସକ୍ ଆର୍ ବିରୋଧୀ ଦଲ୍ ର ସଦସ୍ୟମାନେ ଭାଗ୍ ନେଇକରି ବିଲ୍‌ର ଭିନ୍ ଭିନ୍ ଦିଗ୍ ଉପ୍‌ରେ ବିସ୍ତୃତ୍ ଆଲୋଚନା କରିଥିଲେ । ଇ ସଂଶୋଧନ୍ ବିଧେୟକ୍ ମୁସଲ୍‌ମାନ୍‌କର୍ ଧର୍ମୀୟ କାର୍ଯ୍ୟଧାରା ସହେତେ ଜଡ଼ିତ୍ ନୁହେଁ ବଲି ଶ୍ରୀ ରିଜିଜୁ କହିଥିଲେ । ମୁସଲ୍‌ମାନ୍ ମାନ୍‌କର୍ ଧର୍ମୀୟ କାର୍ଯ୍ୟଧାରା ସହେତେ ଇ ବିଲ୍‌ର କେନ୍‌ସି ସମ୍ପର୍କ ନାଇଁନ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ୱାକଫ୍ ବୋର୍ଡ଼ର ସମ୍ପତି ସହେତେ ଇ ବିଲ୍ ଜଡ଼ିତ୍ ଆଉ ୱାକଫ୍ ବୋର୍ଡ଼କେ ସମାବେଶୀ ଆଉ ଧର୍ମନିରପେକ୍ଷ କର୍‌ବାର୍ ଲାଗି ସର୍‌କାର୍ ଚାହୁଁଛନ୍ ବଲି ଶ୍ରୀ ରିଜିଜୁ କହିଥିଲେ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

୧୭ ନମ୍ବର୍ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଶେଷ୍ ହେଇଛେ । ବାଚସ୍ପତି ସୁରମା ପାଢ଼ୀ ୩ ଟା କାର୍ଯ୍ୟଦିବସ୍ ଆଘୋନୁ ଗୃହକେ ଅନିର୍ଦ୍ଧିଷ୍ଟ ସମିଆତକ୍ ମୁଲ୍‌ତବୀ ଘୋଷ୍‌ନା କରିଛନ୍ । ଇ ଅଧିବେଶନ୍‌ଥି ୨୮ ଟା କାର୍ଯ୍ୟଦିବସ୍ ରହିଥିବାର୍ ବେଲ୍‌କେ ଖାଲି ୨୫ ଟା କାର୍ଯ୍ୟଦିବସ୍ ଚାଲିପାରିଥିଲା । ଗୃହର ଶେଷ୍ କାର୍ଯ୍ୟଦିବସ୍‌ଥି ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ୍ ବିଧେୟକ -୨୦୨୪ ଆଉ ରାଜ୍ୟ ରାଜ୍‌ପଥ୍ ପ୍ରାଧିକରଣ୍ ବିଲ୍ -୨୦୨୫ ପାରିତ୍ ହେଇଛେ । ଗୃହଥି ଆଏଜ୍ ପହପହ ୪ ବାଜିକରି ୩୫ ମିନିଟ୍‌ଥି ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ୍ ବିଧେୟକ - ୨୦୨୪ ପାରିତ୍ ହେଇଛେ ।

ସଂଶୋଧନ୍ ବିଧେୟକ- କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ୍ ବିଧେୟକ - ୨୦୨୪କେ ମଞ୍ଜୁରୀ ମିଲ୍‌ବାର୍‌ଟା ଉଚ୍ଚଶିକ୍ଷା କ୍ଷେତ୍ରଥି ଗୁଟେ ସ୍ୱାଗତ୍‌ଯୋଗ୍ୟ ପଦକ୍ଷେପ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ, ରାଏଜେ ଶିକ୍ଷାନୁଷ୍ଠାନ୍‌ର ସ୍ୱାୟତତାକେ ସମ୍ମାନ୍ ଦେବାର୍ ସହେତେ ଶିକ୍ଷାକେ ବ୍ୟାପକ୍ କର୍‌ବାର୍ ସହେତେ ଶିକ୍ଷାର୍ ଗୁଣାତ୍ମକ ମାନକେ ବଢ଼ାବାର୍ ଦିଗେ ଇ

ବିଲ୍ ସାହାଜ୍ କର୍ବା । ସେ କହିଛନ୍, ବିଶ୍ୱବିଦ୍ୟାଳୟ ସଂଶୋଧନ୍ ବିଧେୟକ୍‌ଥି ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ସଂଶୋଧନ୍ କରାଯାଇଛେ । ଇଥି ବିଶ୍ୱବିଦ୍ୟାଳୟ ଶାସନ୍‌ର ଆଧୁନିକୀକରଣ୍ କର୍‌ବାର୍ ସହେତେ ଅଏତ୍‌କା ସ୍ୱଚ୍ଛ ଆଉ ଉତର୍‌ଦାୟୀ ପ୍ରଶାସନ୍ ସୁନିଶ୍ଚିତ୍ କର୍‌ବା । ଶିକ୍ଷା କ୍ଷେତ୍ରର୍ ଗୁଣାତ୍ମକ ମାନ ବୃଦ୍ଧିକେ ଅଗ୍ରାଧିକାର୍ ଦିଆଯାଇଛେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ରାଏଜେ ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାର୍ ସାମଗ୍ରୀକ୍ ବିକାଶ୍‌କେ ସୁନିଶ୍ଚିତ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ଇ ପଦକ୍ଷେପ୍‌କେ ପ୍ରଶଂସା କରିଛନ୍ ।

## ଆମ ପୋଷାକ- ଆମ ପରିଚୟ ଦିବସ

ସମ୍ବଲ୍‌ପୁର୍/ସୁବର୍ଣ୍ଣପୁର/ବୌଦ୍ଧ/ଦେବ୍‌ଗଡ଼୍

ଓଡ଼ିଶାର୍ ସାଂସ୍କୃତିକ୍ ଐତିହ୍ୟକେ ପ୍ରଚାର୍ ପ୍ରସାର୍ କର୍‌ବାର୍ ଲାଗି ଏପ୍ରିଲ୍ ୧ ନୁ ୧୪ ତାରିଖ୍‌ତକ୍ ଓଡ଼ିଆ ପକ୍ଷ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଆଏଜ୍ ପାରମ୍ପାରିକ୍ ଓଡ଼ିଆ ପୋଷାକ୍ ଆଉ ଓଡ଼ିଶା ହସ୍ତତନ୍ତ ବୟନଶିଳ୍ପର୍ ପ୍ରଚାର୍ ପ୍ରସାର୍ ଲାଗି ହସ୍ତତନ୍ତ ବୟନଶିଳ୍ପ ଆଉ ହସ୍ତଶିଳ୍ପ ବିଭାଗ୍ ତର୍‌ଫୁ ପାରମ୍ପରିକ୍ ପୋଷାକ ପରିଧାନ୍ 'ଆମ ପୋଷାକ- ଆମ ପରିଚୟ' ଦିବସ୍ ପାଲନ୍ କରାଯାଇଛେ । ସମ୍ବଲ୍‌ପୁରୀ,

ସୋନ୍‌ପୁରୀ, ବମ୍‌କେଇ, ମାଣିଆବନ୍ଧ, କୋଟପାଡ଼୍‌, ହସ୍ତତନ୍ତ ପୋଷାକ ଆଉ ଶାଢ଼ୀ ସହେତେ ଖୋର୍ଦ୍ଧା ଲୁଙ୍ଗି ଆର୍‌ ଗାମ୍‌ଛା ରାଜ୍ୟ ଆଉ ରାଜ୍ୟ ବାହାରେ ବହୁତ୍‌ ନାଁ କରିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍‌ ଚରଣ୍‌ ମାଝୀ ତାକର୍‌ ବାର୍ତାଥି କହିଛନ୍‌ । ରାଜ୍ୟର୍‌ ହସ୍ତତନ୍ତ ପୋଷାକର ପ୍ରଦର୍ଶନ୍‌ ସହେତେ ସାଧାରଣ୍‌ ନାଗରିକ୍‌ ଆଉ ସର୍‌କାରୀ ଅଫିସ୍‌ କର୍ମଚାରୀମାନ୍‌କୁ ହସ୍ତତନ୍ତ ପୋଷାକ ପିନ୍ଧ୍‌ବାର୍‌ ଲାଗି ଉତ୍ସାହିତ୍‌ କରାଯାଉଛେ । ହସ୍ତତନ୍ତ ଆଉ ହସ୍ତଶିଳ୍ପ ବିଭାଗ୍‌ ତର୍‌ଫୁ ପରିଚାଲିତ୍‌ ବୟନିକା, ଉତ୍କଳିକା, ଅମ୍ଳାନ୍‌ ଆର୍‌ ସମ୍ବଲ୍‌ପୁରୀ ବସ୍ତ୍ରାଳୟର୍‌ ସବୁ ଶାଖାଥି ହସ୍ତତନ୍ତ ବସ୍ତ୍ର ଘିନ୍‌ବାର୍‌ ଉପ୍‌ରେ ଆଏବା ୧୪ ତାରିଖ୍‌ତକ୍‌ ୨୦ ନୁ ୩୦ ପ୍ରତିଶତ୍‌ତକ୍‌ ରିହାତି ଦିଆଯିବା ବଲି ସର୍‌କାରୀ ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ସମ୍ବଲ୍‌ପୁର୍‌ ଜିଲ୍ଲା ନ ଓଡ଼ିଆ ପକ୍ଷ ପାଳନ୍‌ ଅବ୍‌ସରେ ଜିଲ୍ଲା ପ୍ରଶାସନ୍‌ ଆଉ ମହାନଗର୍‌ ନିଗମ୍‌ର ଅଧିକାରୀ ଆର୍‌ କର୍ମଚାରୀମାନେ ସମ୍ବଲ୍‌ପୁରୀ କପ୍‌ଡ଼ା ପିନ୍ଧିକରି କାର୍ଯ୍ୟାଳୟକେ ଆସିଥିଲେ ।

ସୁବର୍ଣ୍ଣପୁର୍‌ ଜିଲ୍ଲା ନ ଜିଲ୍ଲା ପ୍ରଶାସନ୍‌ ଆଉ ବିଭାଗୀୟ ଅଧିକାରୀ ଆଉ କର୍ମଚାରୀମାନେ ସୋନ୍‌ପୁରୀ ଆଉ ସମ୍ବଲ୍‌ପୁରୀ କପ୍‌ଡ଼ା ପିନ୍ଧିଥିବାର୍‌ ଆମର୍‌ ସମ୍ବାଦଦାତା ଜନେଇଛନ୍‌ ।

ବୌଦ୍ଧ ଜିଲ୍ଲାର୍ ଜିଲ୍ଲାପାଲ୍, ସବୁ ବ୍ଲକ୍ ସହେତେ ସବୁ ସର୍କାରୀ ଆର୍ ବେସର୍କାରୀ କାର୍ଯ୍ୟାଳୟର୍ କର୍ମଚାରୀମାନେ ପାରମ୍ପାରିକ୍ ପୋଷାକ ପିନ୍ଧିକରି ଓଡ଼ିଆ ପକ୍ଷ ପାଲନ୍ କରିଛନ୍ ।

ଦେବ୍ଗଡ଼୍ ଜିଲ୍ଲା ନ ଭିଲ୍ ପ୍ରଶାସନିକ୍ ଅଧିକାରୀ ଆର୍ କର୍ମଚାରୀମାନେ ଓଡ଼ିଶା ପକ୍ଷ ପାଲନ୍ ଅବ୍ସରେ ଆଏଜ୍ ପାରମ୍ପାରିକ୍ ସମ୍ବଲ୍ପୁରୀ ପୋଷାକ୍ ପିନ୍ଧିକରି କାର୍ଯ୍ୟାଳୟକେ ଆସିଥିଲେ ।

ଓଡ଼ିଆ ପକ୍ଷ- ୱେବ୍ସାଇଟ୍ I&PR

ରାଏଜେ ଓଡ଼ିଆ ପକ୍ଷ ପାଲନ୍କେ ନେଇକରି ଗୁଟେ ଖାସ୍ ୱେବ୍ସାଇଟ୍ ମୁଲ୍ କରାଯାଇଛେ । ୱେବ୍ସାଇଟ୍ଥି ଓଡ଼ିଆ ପକ୍ଷ ପାଲନ୍ ବାବଦ୍ ସବୁ ତଥ୍ୟ ସହେତେ କ୍ୱିଜ୍ ରଖାଯାଇଛେ । ଇଥି ଓଡ଼ିଶାର୍ ବରପୁତ୍ର ଆଉ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଆର୍ ପରମ୍ପରା ବାବ୍ଦେ ପ୍ରଶ୍ନ ମାନ୍ ରହିଛେ । କ୍ୱିଜ୍ଥି ଭାଗ୍ ନେଉଥିବା ସବୁ ପ୍ରତିଯୋଗୀମାନ୍କୁ ଡିଜିଟାଲ୍ ପ୍ରମାଣ୍ପତ୍ର ଦିଆଯାଉଛେ । ଇତାର୍ସହେତେ ନିଜର୍ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ଲକ୍ ଆଉ ଜିଲ୍ଲାମାନ୍କେ ଓଡ଼ିଆ ପକ୍ଷ ପାଲନ୍ ଅବ୍ସରେ ହେଉଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଭାଗ୍ ନେଇକରି ନିଜର୍

ସେଲ୍ଫି ଭିଲ୍ ୱେବ୍ସାଇଟ୍ ଅପ୍ଲୋଡ୍ କରାଯାଇପାରୁଛେ ।

ପୁଲିସ୍ ଡିଜି ସମ୍ବଲପୁର୍ ସମ୍ବାଦଦାତା

ରାଏଜେ ମାଓ ପ୍ରଭାବିତ୍ ଜିଲ୍ଲାମାନ୍କର୍ ସଂଖ୍ୟା ୭ କେ କମିଛେ ବଲିକରି ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ କହିଛନ୍ । ସମ୍ବଲପୁର୍ ଉତରାଂଚଲ୍ ଆଇଜି ଙ୍କର୍ କାର୍ଯ୍ୟାଲୟ ନ ଆଇନ୍ ଶୃଙ୍ଖଲା ପରିସ୍ଥିତିର୍ ସମୀକ୍ଷା କର୍ବାର୍ ଅବ୍ସରେ ଆଏଜ୍ ସେ କହିଛନ୍, ମାଓ ବିରୋଧୀ ଅଭିଯାନ୍ଥି ପୁଲିସ୍କେ ବଡ଼ ସଫଲତା ମିଲିଛେ । ବୈଠକ୍ଥି ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ବର୍ଗଡ୍, ସୁବର୍ଣ୍ଣପୁର୍ ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଆଇନ୍ ଶୃଙ୍ଖଲା ପରିସ୍ଥିତିର୍ ସମୀକ୍ଷା କରିଥିବାର୍ ଜନାପଡ଼ିଛେ । ବୈଠକ୍ଥି ଏଡିଜି ସଞ୍ଜୟ କୁମାର୍, ଉତରାଂଚଲ୍ ଆଇଜି ଆର୍ ୫ ଟା ଜିଲ୍ଲାର୍ ଆରକ୍ଷୀ ଅଧିକ୍ଷକ୍ ଉପସ୍ଥିତ୍ ଥିଲେ । ଶ୍ରୀ ଖୁରାନିଆ ସମ୍ବଲ୍ପୁର୍ ଜିଲ୍ଲାଥି ହେବାର୍କେ ଥିବାର୍ ରାମ୍ନଅମୀ ଆର୍ ହନୁମାନ୍ ଜୟନ୍ତୀ ପାଲନ୍ ସମିଆଥି ଆଇନ୍ ଶୃଙ୍ଖଲା ପରିସ୍ଥିତି ବାବ୍ଦେ ସମୀକ୍ଷା କରିଛନ୍ । ବଲାଙ୍ଗିର୍ ଜିଲ୍ଲା ନ ମାଓବିରୋଧୀ ଅଭିଯାନ୍ ବାବ୍ଦେ ସୂଚ୍ନା ଦେଇକରି ଶ୍ରୀ ଖୁରାନିଆ ମାଓବାଦୀମାନ୍କୁ ସମାଜ୍ର ମୁଖିଆ ସ୍ରୋତକେ ଫିରି ଆସ୍ବାର୍ ଲାଗି ନିବେଦନ୍ କରିଛନ୍ । ଇ ଅବ୍ସରେ ଶ୍ରୀ ଖୁରାନିଆ କହିଛନ୍....

(ଭଏସ୍ ଓଭର୍-ୱାଇ.ବି. ଖୁରାନିଆ)

ଆଏଜ୍ ସଖାଲ୍‌ବେଲା ଶ୍ରୀ ଖୁରାନିଆ ମା ସମଲେଶ୍ୱରୀଙ୍କର୍ ଦର୍ଶନ୍ କର୍‌ବାର୍ ଉତ୍‌ରୁ ଗୁଟେ କାର୍ଯ୍ୟକ୍ରମ୍‌ଥି ୭ ଝନ୍‌କୁ ଡିଜିପି ଡିସ୍କ ପ୍ରଦାନ୍ କରିଛନ୍ ।

ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀ-ନୂଆପଡ଼ା          ନୂଆପଡ଼ା ସମ୍ବାଦଦାତା

ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ୍ ସାଏ ଦିନ୍‌କିଆ ନୂଆପଡ଼ା ଜିଲ୍ଲା ଗସ୍ତଥି ଆସିକରି ବୈଷ୍ଣୋଦେବୀ ମନ୍ଦିର୍ ଦର୍ଶନ୍ କରିଛନ୍ । ପରିବାର୍ ସହେତେ ଆସିଥିବା ଶ୍ରୀ ସାଏ ମନ୍ଦିର୍ ନ ପୂଜାର୍ଚ୍ଚନା କରିଛନ୍ । ଇ ଅବ୍‌ସରେ ଶ୍ରୀ ସାଏ କହିଛନ୍, ଓଡ଼ିଶା ଆଉ ଛତିଶ୍‌ଗଡ଼୍ ଭିତ୍‌ରେ ଭଲ୍ ସମ୍ପର୍କ ରହିଛେ ଆର୍ ଆଏବା ଦିନେ ଇଟା ଆହୁରି ମଜ୍‌ବୁତ୍ ହେବା ।

ମନ୍‌ମୋହନ୍ ସାମଲ୍- ସୁବର୍ଣ୍ଣପୁର୍ ଗସ୍ତ   ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କରାଯାଇଥିବା ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନାର୍ ସଫଲତା ବାବ୍‌ଦେ ରାଜ୍ୟ ବିଜେପି ସଭାପତି ମନ୍‌ମୋହନ୍ ସାମଲ୍ ଜୋର୍ ଦେଇଛନ୍ । ଆଏଜ୍ ସୁବର୍ଣ୍ଣପୁର୍ ଜିଲ୍ଲା ଗସ୍ତଥି ଆସିକରି ଶ୍ରୀ ସାମଲ୍ ବିଜେପିର୍ ପ୍ରତିଷ୍ଠା ଦିବସ୍ ସହେତେ

ସମ୍ବିଧାନ୍‌ର ପ୍ରଣେତା ଡକ୍ଟର୍ ଭୀମ୍‌ରାଓ ଆମ୍ବେଦକରଙ୍କର୍ ଜୟନ୍ତୀ ପାଲନ୍ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିଛନ୍ ।

ମାରାଗୁଡ଼ା ମହୋତ୍ସବ୍-ପଲ୍ଲିଶ୍ରୀ ମେଳା   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମିନିଷ୍ଟାଡ଼ିୟମ୍ ଠାନେ ଚାଲିଥିବା ମାରାଗୁଡ଼ା ମହୋତ୍ସବ୍ ଅବ୍‌ସରେ ପଲ୍ଲିଶ୍ରୀ ମେଳା ଆୟୋଜନ୍ କରାଯାଇଛେ । ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳାଥି ମହିଳା ଗୋଷ୍ଠୀମାନ୍‌କର୍ ଉତ୍ପାଦିତ ଦରବ୍‌ର ବିକ୍ରିବଟା ଲାଗି ସୁଯୋଗ୍ ମିଲିଛେ । ପାଖାପାଖି ଶହେ ୬୦ ଟା ଷ୍ଟଲ୍‌ଥି ଭିନ୍ ଭିନ୍ ଘର୍ ସଜା ଦରବ୍ ସହେତେ ସମ୍ବଲ୍‌ପୁରୀ କପ୍‌ଡ଼ା ଆର୍ ଖାଏବାର୍ ଜିନିଷ୍ ଘିନାବିକା ହେଉଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ବଲେ ଜିଲ୍ଲା ମାନ୍‌କେ ତାପମାତ୍ରା ସାମାଏନ୍ କମିଛେ । ହେଲେ ପଶ୍ଚିମ ଓଡ଼ିଶାର୍ କେତେଟା ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ଦେଖାଦେଇଥିଲେ ଭିଲ୍ କେତେଟା ଜାଗା ନ ଗ୍ରୀଷ୍ମପ୍ରବାହ ଜାରି ରହିଛେ ।

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ହପ୍ତାର୍ ଶେଷ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ବର୍‌ଗଡ୍, କଲାହାଣ୍ଡି, ନୂଆପଡ଼ା ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏଜ୍ ବୌଦ୍ଧ ନ  ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୦ ଦଶ୍‌ମିକ୍ ୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା । ସେନ୍ତା ରାଜ୍ୟର୍ ବାକି ଜାଗା ମାନ୍‌କେ ତାପମାତ୍ରା ୪୦ ଡିଗ୍ରୀ ତଲେ ରହିଥିଲା ।